**ତା ୨୪/୦୯/୨୦୨୫ ରିଖ**

**ଉଦ୍ୟାନ ସାଥିଙ୍କୁ ସ୍ଥାୟୀ ନିଯୁକ୍ତି**

**ଅଣତାରକା ପ୍ରଶ୍ନ. ୨୧୧୫. ଅଶୋକ କୁମାର ଦାସ :- ଉପ ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି**:- କୃଷି ବିଭାଗ ଅନ୍ତର୍ଗତ ଉଦ୍ୟାନ ବିଭାଗରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ପ୍ରତି ଜିଲ୍ଲାରେ ଥିବା ବ୍ଲକମାନଙ୍କରେ ଉଦ୍ୟାନ ସାଥୀ ଅଛନ୍ତି କି, ଯଦି ଉତ୍ତର 'ହଁ' ହୁଏ, ତାହେଲେ ଉଦ୍ୟାନ ବିଭାଗରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ବନ୍ଦ କରାଯାଇଛି ତେଣୁ ଉକ୍ତ ଉଦ୍ୟାନ ସାଥୀ (Mate) ମାନଙ୍କୁ ଉଦ୍ୟାନ ବିଭାଗରେ ସ୍ଥାୟୀ ନିଯୁକ୍ତି କରିବା ନିମନ୍ତେ ସରକାରଙ୍କ ତରଫରୁ କୌଣସି ବନ୍ଦୋବସ୍ତ କରାଯାଇଛି କି ?

**ଉତ୍ତର**

**ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ :-**

ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ଦ୍ଵାରା ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଉଦ୍ୟାନସାଥି ନିଯୁକ୍ତି କରାଯାଇନାହିଁ ।

MGNREGS ଯୋଜନାର ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ କରାଯାଉଛି ଓ ଶ୍ରମିକ ନିୟୋଜିତ କରାଯାଉଛି । ଆହୁରି ମଧ୍ୟ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ଦ୍ଵାରା ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ବୃକ୍ଷ ରୋପଣ କାର୍ଯ୍ୟ ବନ୍ଦ କରାଯାଇ ନାହିଁ ।

*****